# NATIONAL NEWS BULLETIN (ODIA)
## 09th February - 2026
## Evening Bulletin : 7.15 p.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଆଶୁତୋଷ ପତି**

## ମୁଖ୍ୟ ସମ୍ବାଦ

- ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ଆସନ୍ତାକାଲି ପର୍ଯ୍ୟନ୍ତ ଲୋକସଭା ମୁଲତବୀ ।

— ରାଜ୍ୟସଭାରେ ବଜେଟ୍ ଉପରେ ହୋଇଛି ଆଲୋଚନା ।

- ସେସେଲ୍ସ ପାଇଁ ୧୭୫ ମିଲିୟନ୍ ଆମେରିକୀୟ ଡଲାରର ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କଲେ ପ୍ରଧାନମନ୍ତ୍ରୀ ।
- ପଶ୍ଚିମବଙ୍ଗ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ଆପତ୍ତି ଅଭିଯୋଗ ଦାଖଲପାଇଁ ଆଉ ଏକ ସପ୍ତାହ ସମୟସୀମା ବୃଦ୍ଧି କଲେ ସୁପ୍ରିମ୍‌କୋର୍ଟ ।
- ଲିବିୟା ଉପକୂଳରେ ଏକ ଡଙ୍ଗାବୁଡ଼ି ଘଟଣାରେ ୫୩ ଜଣ ନିଖୋଜ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଓ କାନାଡ଼ା ମଧ୍ୟରେ ଜାରି ।

## ଏଲ୍.ଏସ୍. - ଆଡ୍‌ଜର୍ଣ୍ଣ

ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଲୋକସଭାକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ଦୁଇଥର ଗୃହ ମୁଲତବୀ ହେବା ପରେ ଅପରାହ୍ଣ ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ କେନ୍ଦ୍ରୀୟ ବଜେଟ୍ ୨୦୨୬-୨୭ ଉପରେ ଆଲୋଚନା କରିବାପାଇଁ ଗୃହର ଅଧ୍ୟକ୍ଷତା କରୁଥିବା ସନ୍ଧ୍ୟା ରାୟ ଅନୁମତି ଦେଇଥିଲେ ମଧ୍ୟ ବିରୋଧୀ ଦଳ ପକ୍ଷରୁ ହଟ୍ଟଗୋଳ ଜାରି ରହିଥିଲା । ବଜେଟ୍ ଉପରେ ଆଲୋଚନା ପୂର୍ବରୁ ଅନ୍ୟ କେତେକ ପ୍ରସଙ୍ଗ ଉପରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧିଙ୍କୁ କହିବାକୁ ସୁଯୋଗ ଦେବାକୁ କଂଗ୍ରେସ ସାଂସଦ ଶଶୀ ଥରୁର୍ ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ । ବିରୋଧୀ ଦଳ ନେତା ବଜେଟ୍ ଉପରେ ବକ୍ତବ୍ୟ ରଖିପାରିବେ ବୋଲି ଶ୍ରୀମତୀ ରାୟ ବାରମ୍ବାର ଅନୁରୋଧ କରିଥିଲେ । ବଜେଟ୍ ଅଧିବେଶନରେ ତାଙ୍କୁ କହିବାକୁ ସୁଯୋଗ ଦିଆଯାଉ ନ ଥିବା ରାହୁଲ୍ ଗାନ୍ଧି ଅଭିଯୋଗ କରିଥିଲେ । ଶ୍ରୀ ଗାନ୍ଧି କହିଥିଲେ, ତାଙ୍କୁ ଗୃହରେ ଅନ୍ୟ ପ୍ରସଙ୍ଗରେ ବକ୍ତବ୍ୟ ରଖିବାପାଇଁ କେତେକ କଂଗ୍ରେସ ସାଂସଦଙ୍କୁ ବାଚସ୍ପତି ଓମ୍ ବିର୍ଲା ପ୍ରତିଶ୍ରୁତି ଦେଇଥିଲେ । ଏ

ପ୍ରସଙ୍ଗରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ କହିଥିଲେ, ବାଚସ୍ପତି ସେଭଳି କୌଣସି ପ୍ରତିଶ୍ରୁତି ଦେଇ ନାହାନ୍ତି । ଗୃହରେ ବାତାବରଣ ସ୍ୱାଭାବିକ ହେଲେ ସମସ୍ତଙ୍କୁ କହିବାପାଇଁ ସୁଯୋଗ ଦିଆଯିବ ବୋଲି ବାଚସ୍ପତି କହିଥିବା ଶ୍ରୀ ରିଜିଜୁ ଦୋହରାଇଥିଲେ ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଗୃହରେ ଅଚଳାବସ୍ଥା ଜାରି ରହିବାରୁ ଅଧ୍ୟକ୍ଷ ଗୃହକୁ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ ।

## ଆର୍.ଏସ୍. - ବଜେଟ୍

ରାଜ୍ୟସଭାରେ କେନ୍ଦ୍ରୀୟ ବଜେଟ୍ ଉପରେ ଆଜି ଆଲୋଚନା ହୋଇଥିଲା । କଂଗ୍ରେସ ସାଂସଦ ପି. ଚିଦାମ୍ବରମ୍ ଭାରତୀୟ ଅର୍ଥନୀତିର ବିକାଶ ଦର, ଆର୍ଥିକ ନିଅଣ୍ଟ, ବେରୋଜଗାରୀ ଆଦି ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ ।

ବି.ଜେ.ପି. ସାଂସଦ ଅରୁଣ ସିଂହ କହିଥିଲେ, କେନ୍ଦ୍ରୀୟ ବଜେଟ୍, ଯାହା ୟୁ.ପି.ଏ. ସରକାରଙ୍କ ଅମଳରେ ୧୬ ଲକ୍ଷ କୋଟି ଥିଲା, ତାହା ଏବେ ୩ ଗୁଣରୁ ଅଧିକ ବୃଦ୍ଧିପାଇ ୫୩ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି । ତେବେ ଏ ସଂକ୍ରାନ୍ତ ଆଲୋଚନା ଅସମାପ୍ତ ରହିଥିବାବେଳେ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରଖାଯାଇଛି ।

# ପି.ଏମ୍. - ସେସେଲ୍ସ୍ ପ୍ରେଜ୍ ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ସେସେଲ୍ସପାଇଁ ୧୭୫ ମିଲିୟନ୍ ଆମେରିକୀୟ ଡଲାର ମୂଲ୍ୟର ଏକ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ୍ ଘୋଷଣା କରିଛନ୍ତି । ସେସେଲ୍ସର ରାଷ୍ଟ୍ରପତି ଡକ୍ଟର ପାଟ୍ରିକ୍ ହର୍ମିନିଙ୍କ ସହିତ ନୂଆଦିଲ୍ଲୀରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସେସେଲ୍ସର ଗୃହନିର୍ମାଣ, ଇ-ମୋବିଲିଟି, ବୃତ୍ତିଗତ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ସାମୁଦ୍ରିକ ନିରାପତ୍ତା ପାଇଁ ଏହି ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି । ସ୍ୱାସ୍ଥ୍ୟ, ଜଳବାୟୁ, ସୂଚନା ଓ ପ୍ରଯୁକ୍ତି ଏବଂ ସୁ-ପ୍ରଶାସନ ଆଦି କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ଆଜି ମଧ୍ୟ ୭ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି କହିଛନ୍ତି, ଭାରତର ସାମୁଦ୍ରିକ ପଡ଼ୋଶୀ ସେସେଲ୍ସ ଏକ ନିର୍ଭରଯୋଗ୍ୟ ଅଂଶୀଦାର । ଭାରତର "ମହାସାଗର ଦୃଷ୍ଟିକୋଣ" ପାଇଁ ସେସେଲ୍ସର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ।

***Voice (PM)*** :........

ସେସେଲ୍ସର ରାଷ୍ଟ୍ରପତି ଡକ୍ଟର ହର୍ମିନି କହିଛନ୍ତି, ତାଙ୍କର ଭାରତ ଗସ୍ତ ଦୁଇଦେଶ ମଧ୍ୟରେ ଥିବା ବନ୍ଧୁତା ଓ ପାରସ୍ପରିକ ସମ୍ମାନକୁ ଦର୍ଶାଉଛି ।

## ଏସ୍.ସି. - ଡବ୍ଲ୍ୟୁ.ବି. ଏସ୍.ଆଇ.ଆର୍.

ପଶ୍ଚିମବଙ୍ଗ ସ୍ୱତନ୍ତ୍ର ଭୋଟର୍ ତାଲିକା ସଂଶୋଧନ ପ୍ରକ୍ରିୟାରେ ଆପତ୍ତି ଅଭିଯୋଗ ଦାଖଲ ପାଇଁ ଆସନ୍ତା ୧୪ ତାରିଖରୁ ଆଉ ଏକ ସପ୍ତାହ ସମୟ ସୀମା ବୃଦ୍ଧି କରିବାକୁ ସୁପ୍ରିମ୍ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚି ଏବଂ ଜଷ୍ଟିସ୍ ଏନ୍.ଭି. ଅଞ୍ଜାରିଆଙ୍କ ପୀଠ ଏସଂକ୍ରାନ୍ତ ମାମଲାର ଶୁଣାଣି କରି ଆଜି ଏହି ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ କମିଶନ୍‌ଙ୍କୁ ଭୋଟର୍ ତାଲିକା ସଂଶୋଧନ ପ୍ରକ୍ରିୟାରେ ଆବଶ୍ୟକ ମାନବସମ୍ବଳ ଯୋଗାଇ ଦେବାକୁ କୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରକ୍ରିୟାରେ ସାମିଲ୍ ନିର୍ବାଚନ ଅଧିକାରୀଙ୍କ ବିରୋଧରେ ଧମକ ଏବଂ ହିଂସାତ୍ମକ ଘଟଣା ବନ୍ଦ କରିବା ନେଇ ସୁରକ୍ଷା ସଂସ୍ଥାର ବିଫଳତା ଉପରେ କୋର୍ଟ ଚିନ୍ତା ପ୍ରକଟ କରିଛନ୍ତି । ଏଥିପାଇଁ ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ଏକ ସତ୍ୟପାଠ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

## ରେଲ୍‌ୱେ ପ୍ରୋଜେକ୍ଟସ୍

ଦେଶର ବିଭିନ୍ନ ସ୍ଥାନକୁ ତ୍ୱରିତ, ନିରାପଦ ଓ ନିର୍ଭରଯୋଗ୍ୟ ସାମଗ୍ରୀ ପରିବହନ କରିବା ସହିତ ଭିଡ଼ ହ୍ରାସ କରିବାପାଇଁ ରେଳ ବିଭାଗ ପକ୍ଷରୁ ଆଜି

କେତେଗୁଡ଼ିଏ ବିସ୍ତୃତ ରେଳ ଭିତ୍ତିଭୂମି ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରାଯାଇଛି । ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି, ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଉତ୍ତରାଞ୍ଚଳ ରେଳପଥର ୩୪ଟି ଷ୍ଟେସନରେ ଇଲୋକ୍ଟ୍ରୋନିକ ଇଣ୍ଟରଲକିଂ ବ୍ୟବସ୍ଥା ଲାଗୁ କରିବା, ଚେନ୍ନାଇ-ତିରୁବନନ୍ତପୁରମ୍ କରିଡର୍‌ର ଇରୁଗୁର-ପୋଦାନୁର ସେକ୍ସନ ରେଳପଥର ଦୋହରୀକରଣ ଆଦି ରହିଛି । ପ୍ରକଳ୍ପରେ ଝାଡ଼ଖଣ୍ଡର ବର୍‌ବେନ୍ଦା-ଦାମ୍ରୁଘୁଟୁ ଏବଂ ଦାମ୍ରୁଘୁଟୁ-ବୋକାରୋ ଇସ୍ପାତ ନଗରୀର ତୃତୀୟ ଓ ଚତୁର୍ଥ ରେଳପଥର ଦୋହରୀକରଣ ସାମିଲ୍ ଅଛି । ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏହି ପ୍ରକଳ୍ପଦ୍ୱାରା ଅଳ୍ପ ସମୟ ମଧ୍ୟରେ ସାମଗ୍ରୀ ପରିବହନ ହେବା ସହ ଆର୍ଥିକ ବିକାଶ ତ୍ୱରାନ୍ୱିତ ହେବ ।

## ବୋଟ୍ - କ୍ୟାପ୍‌ସାଇଜ୍‌ଡ୍

ଲିବିୟା ଉପକୂଳରେ ଏକ ରବର ଡଙ୍ଗାରେ ଦୁଇଜଣ ଶିଶୁଙ୍କ ସମେତ ୫୩ ଜଣ ପ୍ରବାସୀ ମୃତ୍ୟୁ କିମ୍ବା ନିଖୋଜ ହୋଇଥିବା ଆନ୍ତର୍ଜାତିକ ପ୍ରବାସୀ ସଙ୍ଗଠନ - ଆଇ.ଓ.ଏମ୍. ପକ୍ଷରୁ କୁହାଯାଇଛି । ସୂଚନା ଅନୁଯାୟୀ ଉପକୂଳ ସହର ଜୁଆରାର ଉତ୍ତର ସମୁଦ୍ରାଞ୍ଚଳରେ ଡଙ୍ଗାଟି ବୁଡ଼ି ଯାଇଥିଲା । ୨ ଜଣ ନାଇଜେରିଆ ମହିଳାଙ୍କୁ ଲିବିୟା ପକ୍ଷରୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି ।

ଆଇ.ଓ.ଏମ୍. ପକ୍ଷରୁ କୁହାଯାଇଛି, କେବଳ ଜାନୁୟାରୀ ମାସରେ କେନ୍ଦ୍ରୀ ଭୂମଧ୍ୟସାଗର ଅଞ୍ଚଳରେ ଖରାପ ପାଗ ଯୋଗୁଁ ୩୭୫ ଜଣ ପ୍ରବାସୀଙ୍କ ମୃତ୍ୟୁ ହୋଇଛି । କେବଳ ୨୦୨୫ ମସିହାରେ କେନ୍ଦ୍ରୀୟ ଭୂମଧ୍ୟ ସାଗରରେ ୧ ହଜାର ୩୦୦ରୁ ଅଧିକ ନୌଯାତ୍ରୀ ନିଖୋଜ ହୋଇଥିବା ଆଇ.ଓ.ଏମ୍. କହିଛି । ଲିବିୟା ଉପକୂଳରେ ଏହି ନୌକା ଦୁର୍ଘଟଣାକୁ ମିଶାଇ ୨୦୨୬ ମସିହା ୪୮୪ ଜଣଙ୍କ ମୃତ୍ୟୁ କିମ୍ବା ନିଖୋଜ ହୋଇଥିବା ଜଣାପଡ଼ିଛି ।

## ଏନ୍.ଏଚ୍.ଆର୍.ସି. - ଦୁବାଇ

ଝାଡ଼ଖଣ୍ଡର ୧୪ ଜଣ ପ୍ରବାସୀ ଶ୍ରମିକ ଦୁବାଇରେ ଅଟକି ରହିଥିବା ସଂକ୍ରାନ୍ତ ଗଣମାଧ୍ୟମ ରିପୋର୍ଟକୁ ଆଧାରକରି ଜାତୀୟ ମାନବାଧିକାର କମିଶନ - ଏନ୍.ଏଚ୍.ଆର୍.ସି. ନିଜଆଡୁ ମାମଲାର ଶୁଣାଣି ଆରମ୍ଭ କରିଛନ୍ତି । ଝାଡ଼ଖଣ୍ଡର ମୁଖ୍ୟ ସଚିବ ଏବଂ ରାଜ୍ୟ ପ୍ରବାସୀ ଶ୍ରମିକ ନିୟନ୍ତ୍ରଣ କକ୍ଷ ମୁଖ୍ୟଙ୍କୁ ନୋଟିସ୍ ଜାରି କରାଯାଇଛି । ୨ ସପ୍ତାହ ମଧ୍ୟରେ ଏ ସଂକ୍ରାନ୍ତ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ କମିଶନ୍ ନିର୍ଦ୍ଦେଶ ଦେଇଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ଅନ୍‌ଲାଇନ୍ ଖେଳ ନିଶା : ଯୁବବର୍ଗଙ୍କ ପାଇଁ ବୃଦ୍ଧି ପାଉଥିବା ବିପଦ** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ସାଇବର ସୁରକ୍ଷା ବିଶେଷଜ୍ଞ ପବନ ଦୁଗଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23717117, 23314444, 23310481 ଏବଂ 23717106 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍‌ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।

## ଟି-୨୦ ଡବ୍ଲ୍ୟୁ.ସି. କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଆଜିର ତୃତୀୟ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ଏବଂ କାନାଡ଼ା ମଧ୍ୟରେ ଜାରି ରହିଛି ।

ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି କାନାଡ଼ା ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଆଜି ଦ୍ୱିତୀୟ ମ୍ୟାଚ୍‌ରେ ଜିମ୍ବାୱେ’ ଓମାନ ବିରୋଧରେ ୮ ୱିକେଟ୍‌ରେ ବିଜୟୀ ହୋଇଛି । କଲମ୍ବୋଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଜିମ୍ବାୱେ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ଓମାନ ୧୯ ଓଭର ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୦୩ ରନ୍ ସଂଗ୍ରହ କରିଥିଲା । ୧୩ ଓଭର ୩ଟି ବଲ୍‌ରେ ଜିମ୍ବାୱେ ୨ଟି ୱିକେଟ୍ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିଥିଲା ।

ପୂର୍ବରୁ ଆଜିର ପ୍ରଥମ ମ୍ୟାଚ୍‌ରେ ସ୍କଟ୍‌ଲାଣ୍ଡ’ ଇଟାଲୀକୁ ୭୩ ରନ୍‌ରେ ପରାସ୍ତ କରିଥିଲା ।

## ସୁଟିଂ ଚାମ୍ପିୟନ୍‌ସିପ୍

ନୂଆଦିଲ୍ଲୀରେ ଚାଲିଥିବା ଏସୀୟ ବନ୍ଧୁକଚାଳନା ଚାମ୍ପିୟନ୍‌ସିପ୍‌ର ମହିଳା ୨୫ ମିଟର ଦଳଗତ ପିସ୍ତଲ ପ୍ରତିଯୋଗିତାରେ ଆଜି ଭାରତୀୟ ମହିଳାଦଳ ସ୍ୱର୍ଣ୍ଣପଦକ ହାସଲ କରିଛି । ମହିଳା ଦଳରେ ଥିବା ଭାରତୀୟ ସୁଟର୍ ଏଶା ସିଂହ, ମନୁ ଭାକର ଓ ରାଇଥିମ୍ ସଙ୍ଗ୍ୱାନ ୧ ହଜାର ୭୫୧ ପଏଣ୍ଟ ସହ ଏହି ସଫଳତା ହାସଲ କରିଛନ୍ତି ।

ମହିଳା ଏକକ ୨୫ ମିଟର ପିସ୍ତଲ ପ୍ରତିଯୋଗିତାରେ ମନୁ ଭାକର ରୌପ୍ୟ ଏଶା ସିଂହ ବ୍ରୋଞ୍ଜ୍ ପଦକ ବିଜୟୀ ହୋଇଛନ୍ତି ।

*****